
# ପଞ୍ଚମ ପାଠ

## ପୁରାତନରୁ ନୂତନ


ତୁମେ ଜାଣିଛ କି ?

ପୃଥିବୀ ପୃଷ୍ଠରେ କେତେ ଲକ୍ଷ ବର୍ଷ ପୂର୍ବେ ମଣିଷ ପ୍ରଥମେ ଦେଖାଯାଇଥିଲେ ? ସେ କାଳର ମଣିଷ (ଆଦିମ ମଣିଷ) ଆଜିର ମଣିଷପରି ଥିଲେ କି ? ସେମାନେ ଆଜିର ମଣିଷପରି ଜୀବନଯାପନ କରୁଥିଲେ କି ? ତଳେ ଥିବା ପ୍ରତ୍ୟେକ ଯୋଡ଼ା ଚିତ୍ରକୁ ଲକ୍ଷ୍ୟ କରି ସେ ବିଷୟରେ ଆସ ଜାଣିବା ।

**ଆଦିମ ମଣିଷ**









**ଆଜିର ମଣିଷ**









| ଆଦିମ ମଣିଷ | ଆଜିର ମଣିଷ |
|---|---|
|  |  |
|  |  |
|  |  |

ଉପର ଚିତ୍ର ଦେଖି ଆଦିମ ମଣିଷ ଓ ଆଜିର ମଣିଷ ମଧ୍ୟରେ କି କି ପାର୍ଥକ୍ୟ ଦେଖିଲ ତଳ ସାରଣୀରେ ଲେଖ।

| ଚିତ୍ର | ଆଦିମ ମଣିଷ | ଆଜିର ମଣିଷ |
|---|---|---|
| ୧. ବାସଗୃହ | | |
| ୨. ପୋଷାକ | | |
| ୩. ନିଆଁର ବ୍ୟବହାର | | |
| ୪. ଖାଦ୍ୟ | | |
| ୫. ପରିବହନ | | |
| ୬. କୃଷି | | |
| ୭. ଖବର ପଠାଇବା ଓ ଜାଣିବା | | |

ଶିକ୍ଷକଙ୍କ ପାଇଁ ସୂଚନା - ପ୍ରତ୍ୟେକ ଶିକ୍ଷାର୍ଥୀ ସାରଣୀ ପୂରଣ କରିସାରିବା ପରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ ଦଳରେ ବସାଇ ଦଳଗତ ଆଲୋଚନା କରାଇବେ ।

- ଆଦିମ ମଣିଷ ପଶୁମାନଙ୍କ ପରି ଜଙ୍ଗଲରେ ଛୋଟିଆ ଛୋଟିଆ ଦଳରେ ଗୁମ୍ଫା ଭିତରେ ରହୁଥିଲେ। ଗଛରୁ କଞ୍ଚା ଫଳ ତୋଳି ବା ଶିକାର କରି କଞ୍ଚା ମାଂସ ଖାଉଥିଲେ। ତେବେ ଆଦିମ ମଣିଷ ଗୋଟିଏ ଜାଗାର ଫଳମୂଳ ବା ଶିକାର ସରିଗଲେ କ'ଣ କରୁଥିବେ ? ଲେଖ -

_______________________________________________

_______________________________________________

- ସେମାନେ ଜଙ୍ଗଲରେ ହିଂସ୍ରଜନ୍ତୁଙ୍କଠାରୁ ନିଜକୁ କିପରି ରକ୍ଷା କରୁଥିବେ ?

_______________________________________________

_______________________________________________

- ସେମାନେ କଥାବାର୍ତ୍ତା କରି ଜାଣି ନ ଥିଲେ। ତାଙ୍କ ମନ କଥା ଅନ୍ୟକୁ କିପରି ଜଣାଉଥିବେ ?

_______________________________________________

_______________________________________________

- ସେତେବେଳେ ଆଜିକାଲିକା ପରି ପୋଷାକପତ୍ର ନ ଥିଲା। ସେମାନେ ଶୀତରୁ ନିଜକୁ କିପରି ରକ୍ଷା କରୁଥିବେ ?

_______________________________________________

_______________________________________________

- ଆଦିମ ମଣିଷ ଜଙ୍ଗଲରେ ଜୀବଜନ୍ତୁଙ୍କୁ ଦେଖି ସେମାନଙ୍କଠାରୁ ଅନେକ କାର୍ଯ୍ୟ ଶିଖିଥିଲା। କାହା ପାଖରୁ କ'ଣ ଶିଖିଥିବ ଗାର ଟାଣି ଯୋଡ଼।

| | |
|---|---|
| ପାଣିରେ ପହଁରିବା | ବଣି ଓ ବାଇଚଢ଼େଇ |
| ଏ ଗଛରୁ ସେ ଗଛକୁ ଡେଇଁବା | କୁମ୍ଭୀର, ମାଛ |
| ପତ୍ର ବିଛାଇ କୁଡ଼ିଆ ତିଆରି କରିବା | ମାଙ୍କଡ଼, ସିମ୍ପାଞ୍ଜି ଓ ଗରିଲା |

- ଆଜିକାଲି ପରି ଆଦିମ ମଣିଷ ବିଜୁଳି ଆଲୁଅ, ପାଇପ୍ ପାଣି ବା କୃଷିଜାତ ପଦାର୍ଥ ପାଉ ନ ଥିଲା। ଆଦିମ ମଣିଷ କାହାଠାରୁ କ'ଣ ପାଉଥିଲା ଲେଖ।


ରାତିରେ ଆଲୁଅ ................................................................

ପାଣି ................................................................

ଫଳ ................................................................

# ନିଆଁର ଜନ୍ମକଥା

ଦିନେ ସନ୍ଧ୍ୟାବେଳେ ବହୁତ ଜୋରରେ ବର୍ଷାହେଲା । ଜୋରରେ ବିଜୁଳି, ଘଡ଼ଘଡ଼ି ମାରିବା ଫଳରେ ଲାଇନ୍ (ବିଦ୍ୟୁତ୍ ସରବରାହ ବନ୍ଦ ହୋଇଗଲା) ଚାଲିଗଲା । ଚାରିଆଡ଼ କିଟିକିଟି ଅନ୍ଧାର । ମା' ମୁନୁକୁ କହିଲେ, 'ମୁନୁ, ଟର୍ଚ୍ଚ ଜଳାଇ ଦିଆସିଲି ଆଣେ ଓ ମହମବତୀ ଲଗା' । ମୁନୁ ସଙ୍ଗେ ସଙ୍ଗେ ଦିଆସିଲି ମାରି ମହମବତୀକୁ ଜଳାଇଦେଲା । ତାପରେ ମହମବତୀର ଶିଖାକୁ ଚାହିଁ ଚାହିଁ କେତେ କ'ଣ ଭାବିଲା । ତା'ମନରେ ଅନେକ ପ୍ରଶ୍ନ । ଏ ନିଆଁ ଆସିଲା କୁଆଡୁ ? କିଏ ପ୍ରଥମେ ଏଇ ନିଆଁକୁ ଦେଖିଲା ? ଉତ୍ତର ଖୋଜି ପାଇଲା ନାହିଁ । ଏଣୁ ମା'ଙ୍କୁ ପଚାରିଲା । ମା' କହିଲେ, ''ହଜାର ହଜାର ବର୍ଷ ତଳର କଥା । ସେତେବେଳେ ପୃଥିବୀର ଚାରିଆଡ଼େ ଘୋର ଜଙ୍ଗଲ ଥିଲା । ଜଙ୍ଗଲରେ ବେଳେବେଳେ କାଠକୁ କାଠ ଘଷି ହୋଇ ଓ ବିଜୁଳି ମାରି ନିଆଁ ଲାଗିଯାଉଥିଲା । ଆଦିମ ମଣିଷ ତା ପୂର୍ବରୁ ନିଆଁର ବ୍ୟବହାର ଜାଣି ନ ଥିଲା । ସେ ଦେଖିଲା ନିଆଁକୁ ଡରି ହିଂସ୍ରଜନ୍ତୁ ଦୌଡ଼ି ପଳାଉଛନ୍ତି । ନିଆଁ ପାଖରେ ବସିଲେ ଉଷୁମ ଲାଗୁଛି । ପୁଣି ନିଆଁରେ ପୋଡ଼ି ଯାଇଥିବା ପଶୁ ପକ୍ଷୀଙ୍କ ମାଂସ ଅଧିକ ସୁଆଦିଆ ଲାଗୁଛି । ତା'ପରେ ସେ ନିଆଁକୁ କିପରି ନିଜେ ଜଳାଇପାରିବ ସେଥିପାଇଁ ବହୁତ ଚେଷ୍ଟା କଲା । ଦେଖିଲା ପଥରକୁ ପଥରରେ ବାଡ଼େଇ ଭାଙ୍ଗି ମୁନିଆଁ କଲାବେଳେ ସେଥିରୁ ନିଆଁର ଝଲକ ବାହାରୁଛି । ତା'ପରେ ନିଜେ ପଥରକୁ ପଥରରେ ଘଷି ନିଆଁ ବାହାର କଲା । କାଠକୁ କାଠରେ ଘଷିଲା । ଏହିପରି ଅନେକ ଚେଷ୍ଟା କରି କରି ଶେଷରେ ଆଜିର ଦିଆସିଲି ବାହାରିଲା । ଦିଆସିଲି ବାହାରିଲା ପରେ ଏହା ସାହାଯ୍ୟରେ ଆମେ ସୁବିଧାରେ ନିଆଁର ବ୍ୟବହାର କରିପାରୁଛୁ ।''



ଆଦିମ ମଣିଷ ନିଆଁକୁ କେଉଁ କେଉଁ କାମରେ ଲଗାଇଥିବ ଲେଖ ।

---


ଚିତ୍ରଗୁଡ଼ିକୁ ଭଲଭାବରେ ଲକ୍ଷ୍ୟ କର । ପ୍ରତ୍ୟେକ ଚିତ୍ରରେ କ'ଣ ଦେଖୁଛ ଲେଖ ।












ଚିତ୍ର. ୧ ..........................................................

ଚିତ୍ର. ୨ ..........................................................

ଚିତ୍ର.୩ ..........................................................

ଚିତ୍ର.୪..........................................................

ଚିତ୍ର.୫..........................................................

ଚିତ୍ର.୬..........................................................

**ଜାଣିଛ କି ? ଚକ ତିଆରି ହେଉଛି ମଣିଷର ପ୍ରଥମ ଉଦ୍ଭାବନ ।**

**ଶିକ୍ଷକଙ୍କ ପାଇଁ ସୂଚନା -** ଚକର ଧାରଣା କିପରି ମଣିଷ ମନକୁ ଆସିଲା ତାହା ବୁଝାଇବା ଉପରେ ଶିକ୍ଷକ ଗୁରୁତ୍ୱ ଦେବେ । ଶ୍ରେଣୀରେ ପ୍ରତ୍ୟେକ ଚିତ୍ର ବିଷୟରେ ଶିକ୍ଷାର୍ଥୀମାନଙ୍କୁ ଦଳରେ ବସାଇ ଆଲୋଚନା କରାଇବେ ।



କେଉଁ ଜିନିଷ ନଦୀରେ ଭାସିବାର ଦେଖି ଆଦିମ ମଣିଷ ଭେଳା ତିଆରି କରିଥିବ ?

ଆଦିମ ମଣିଷ ପ୍ରଥମେ ତିନି/ଚାରି ଖଣ୍ଡ କାଠକୁ ଲଟାରେ ବାନ୍ଧି ଭେଳା କରି ତା ଉପରେ ବସି ନଦୀ ପାର ହେଲା । ଶୀଘ୍ର ନଦୀ ପାର ହେବା ପାଇଁ ଆଉ ଖଣ୍ଡେ ଲମ୍ବା କାଠ ଧରି ଆହୁଲା ମାରିବା ଶିଖିଲା । ପରେ କାଠରୁ ଡଙ୍ଗା ତିଆରି କରି ପାଣିରେ ଯିବା ଆସିବା ସହଜରେ କରିପାରିଲା ।

* ବାକ୍ସ ମଧ୍ୟରେ କେତେକ ଜୀବଜନ୍ତୁଙ୍କ ନାମ ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ କେଉଁମାନଙ୍କୁ ଆଦିମ ମଣିଷ ନିଜ ପାଖରେ ପୋଷା ମନାଇ ରଖିଥିବ ଖାଲି ଘରେ ଲେଖ ।

| | |
|---|---|
| ଘୋଡ଼ା, ବିଲୁଆ, ବାଘ, ଗଧ, ଭାଲୁ, ସିଂହ,<br>ହାତୀ, କୁକୁର, ମାଙ୍କଡ଼, ଛେଳି, ମେଣ୍ଢା, ମଇଁଷି,<br>ଗାଈ, ଓଟ, ଗୟଳ, ବଳଦ, ଠେକୁଆ, ହରିଣ | |

- ତେବେ କେଉଁ ପଶୁମାନେ ଆଦିମ ମଣିଷକୁ କିପରି ସାହାଯ୍ୟ କରୁଥିବେ ତଳେ ଲେଖ ।

  * କାହାଠାରୁ କ୍ଷୀର ପାଉଥିବ ? .................. ......................
  * କାହା ସାହାଯ୍ୟରେ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଯାଉଥିବ ? ........... ...........
  * କିଏ ଘର ଜଗୁଥିବ ?.......................
  * କିଏ ଜିନିଷ ପତ୍ର ବୋହି ନେଉଥିବ ? ............. ................ ...............
  * କିଏ ଗାଡ଼ି ଟାଣୁଥିବ ? .......... ................. ....................

- ଆଦିମ ମଣିଷ ଫଳ ଖାଇ ମଞ୍ଜି ପକାଇଥିବା ସ୍ଥାନରେ କିଛିଦିନ ପରେ ମଞ୍ଜି ନ ଦେଖି ନୂଆ ଗଛ ହୋଇଥିବାର ଦେଖି କ'ଣ ଚିନ୍ତା କରିଥିବ ଓ ତାପରେ କ'ଣ କରିଥିବ ଲେଖ ।

______________________________

______________________________

- ଆଦିମ ମଣିଷ କାହିଁକି ଖାଦ୍ୟ ସଂଗ୍ରହ ପାଇଁ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ନ ଯାଇ ସେହି ଜାଗାରେ ସ୍ଥାୟୀ ଭାବେ ରହିଲା ଲେଖ ।

______________________________

______________________________


**ଧୀରେ ଧୀରେ ଆଦିମ ମଣିଷ ଚାଷ କରିବା ଶିଖିଲା ଓ ଶସ୍ୟକୁ ସାଇତି ରଖିବା ଶିଖିଲା ।**

ଆଦିମ ମଣିଷ ଦଳ ଦଳ ହୋଇ ବିଭିନ୍ନ ସ୍ଥାନରେ ସ୍ଥାୟୀ ଭାବରେ ବସବାସ କଲା । ଲୋକସଂଖ୍ୟା ବଢ଼ିଲା । ଧୀରେ ଧୀରେ ପରିବାର ଗଠନ ହେଲା । କେତେଗୁଡ଼ିଏ ପରିବାରକୁ ନେଇ ଗୋଟିଏ ଗୋଟିଏ ଗାଁ ସୃଷ୍ଟି ହେଲା । ଆସ୍ତେ ଆସ୍ତେ ଏହି ଗାଁସବୁ ବଢ଼ି ସହର ଓ ନଗରରେ ପରିଣତ ହେଲା ।

ଆଜକୁ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ ଏହିପରି କେତେଗୁଡ଼ିଏ ନଗର ସିନ୍ଧୁ ନଦୀ କୂଳରେ ଗଢ଼ି ଉଠିଥିଲା । ତାକୁ ସିନ୍ଧୁ ସଭ୍ୟତା ବା ମହେଞ୍ଜୋଦାରୋ ସଭ୍ୟତା କହନ୍ତି । ସିନ୍ଧୁ ନଦୀ କୂଳରେ ମହେଞ୍ଜୋଦାରୋ ଓ ହରପ୍ପା ଅଞ୍ଚଳରେ ମାଟି ଖୋଳା ଯାଇ ଏଭଳି ସଭ୍ୟତାର ଚିହ୍ନଗୁଡ଼ିକ ମିଳିଛି । ବର୍ତ୍ତମାନ ଏହି ଅଞ୍ଚଳ ପାକିସ୍ତାନରେ ଅବସ୍ଥିତ । ଏହା ହେଉଛି ଆମର ପ୍ରଥମ ସଭ୍ୟତା । ସେଠାରେ ମାଟି ଖୋଳିବା ପରେ ମିଳିଥିବା କେତେକ ଜିନିଷର ଚିତ୍ର ତଳେ ଦିଆଯାଇଛି ।


ଚିତ୍ର ନଂ ୧


ଚିତ୍ର ନଂ ୨


ଚିତ୍ର ନଂ ୩


ଚିତ୍ର ନଂ ୪


ଚିତ୍ର ନଂ ୫


ଚିତ୍ର ନଂ ୬


ଚିତ୍ର ନଂ ୭


ଚିତ୍ର ନଂ ୮


ଚିତ୍ର ନଂ ୯

ପୂର୍ବ ପୃଷ୍ଠାରେ ଥିବା ଚିତ୍ରକୁ ଦେଖି ଉତ୍ତର ଲେଖ।

- ସିନ୍ଧୁ ସଭ୍ୟତାର ଲୋକମାନଙ୍କର ଘର କେଉଁଥିରେ ତିଆରି ହୋଇଥିଲା ?

- ସିନ୍ଧୁ ସଭ୍ୟତାର ଲୋକମାନେ କେଉଁ କେଉଁ ପଶୁ ପାଳୁଥିବାର ଜଣାପଡ଼ିଛି ?

- ସେମାନେ ଲେଖାପଢ଼ା ଜାଣିଥିବା କେଉଁଥିରୁ ଜଣାପଡୁଛି ?

## ଅଭ୍ୟାସ

୧. ଆଦିମ ମଣିଷର ଜୀବନ ଧାରା ଠାରୁ ତୁମ ଜୀବନ ଧାରା କିପରି ଅଲଗା ଲେଖ।

୨. କାହାପରେ କିଏ ଲେଖ ।

(କ) ରନ୍ଧା ମାଂସ, ପୋଡ଼ା ମାଂସ, କଞ୍ଚା ମାଂସ

____________________________________________

(ଖ) ଶଗଡ଼, କାଠଗଡ଼ ଗଢ଼ିବା, ପଥର ଗଢ଼ିବା, ଚକ

____________________________________________

(ଗ) ଚକ୍‌ମକି, ପଥର, ଦିଆସିଲି, ଶୁଖିଲା କାଠକୁ କାଠରେ ଘଷିବା

____________________________________________

(ଘ) ଚମଡ଼ାର ପୋଷାକ, କପଡ଼ାର ପୋଷାକ ପତ୍ର, ବକଳ ପିନ୍ଧିବା, ପଶୁ ଚମଡ଼ା ପିନ୍ଧିବା

____________________________________________

୩. ନିଆଁ ନ ଥିଲେ କ'ଣ ଅସୁବିଧା ହୋଇଥାନ୍ତା ଲେଖ ।

____________________________________________

____________________________________________

୪. ଚକର ଉଦ୍ଭାବନ ଦ୍ୱାରା ଆମର କି କି ସୁବିଧା ହେଉଛି ଲେଖ ।

____________________________________________

____________________________________________

୫. ଠିକ ଉତ୍ତରରେ ଗୋଲ ବୁଲାଅ ।

(କ) ମହେଞ୍ଜୋଦାରୋ ବର୍ତ୍ତମାନ କେଉଁଠି ଅଛି ?

(ଭାରତ, ପାକିସ୍ଥାନ, ଆଫଗାନିସ୍ଥାନ, ଇରାନ୍)

(ଖ) ସିନ୍ଧୁ ସଭ୍ୟତା କେଉଁ ସହରରେ ଗଢ଼ି ଉଠିଥିଲା ?

(ଜୟପୁର, ଦିଲ୍ଲୀ, ହରପ୍ପା, ଚଣ୍ଡିଗଡ଼)

(ଗ) ସିନ୍ଧୁ ସଭ୍ୟତାର ଲୋକମାନେ କେଉଁଥିରେ ତିଆରି ବାସନକୁସନ ବ୍ୟବହାର କରୁଥିଲେ ?

(ଲୁହା, ପଥର, ମାଟି, ତମ୍ବା)

## ତୁମ ପାଇଁ କାମ -

୧. ମାଟିରେ ବିଭିନ୍ନ ଗାଡ଼ିର ଚକ, ବିଭିନ୍ନ ବାସନକୁସନ ଓ ଅସ୍ତ୍ରଶସ୍ତ୍ର ତିଆରି କର ।

୨. କାଠି ଓ ସୂତାରେ ଭେଳା ଏବଂ ଧନୁଶର ତିଆରି କର ।

୩. ପୁରୁଣା ମୁଦ୍ରା ସଂଗ୍ରହ କର । ସେହି ମୁଦ୍ରାରେ କି କି ଚିହ୍ନ ଅଛି ଦେଖ । ବର୍ତ୍ତମାନର ମୁଦ୍ରା ସହ ତାହାର ତୁଳନା କର ଓ ଶ୍ରେଣୀରେ ଆଲୋଚନା କର ।

୪. ବର୍ତ୍ତମାନ ତୁମ ଅଞ୍ଚଳରେ କିପରି ଚାଷ କରାଯାଉଛି ଦେଖ ଓ ବୟସ୍କ ଲୋକଙ୍କୁ ପଚାରି ବୁଝ ଆଗରୁ କିପରି ଚାଷ କରାଯାଉଥିଲା । ଖାତାରେ ଲେଖି ଆଣ ।



୫. ତୁମେ ତୁମ ଘରେ କେଉଁ କେଉଁ ଧାତୁର ବାସନ ବର୍ତ୍ତମାନ ବ୍ୟବହାର କରୁଛ ଓ ଆଗ କାଳରେ କେଉଁ କେଉଁ ବାସନ ବ୍ୟବହାର କରାଯାଉଥିଲା ମା'ଙ୍କୁ ପଚାରି ବୁଝି ଲେଖ ।

